# ପରିଚ୍ଛନ୍ନତା

ଭଗବତ୍ ଗୀତାରେ ପରିଚ୍ଛନ୍ନତାକୁ ଦିବ୍ୟ ସାତ୍ତ୍ୱିକ ଗୁଣ ବା ବ୍ରାହ୍ମଣର ଗୁଣ ବୋଲି ବର୍ଣ୍ଣନା କରାଯାଇଛି । ଏକଥା କୁହାଯାଇଛି ଯେ-ଅପରିଚ୍ଛନ୍ନତା ହେଉଛି ତାମସିକ ବା ଆସୁରିକ ଗୁଣ । ଶ୍ରୀଚୈତନ୍ୟ ମହାପ୍ରଭୁ ଭକ୍ତଙ୍କ ୨୬ଟି ଗୁଣ ମଧ୍ୟରୁ ପରିଚ୍ଛନ୍ନତାକୁ ଅନ୍ୟତମ ବୋଲି ଉଲ୍ଲେଖ କରିଛନ୍ତି । ଶ୍ରୀଲ ପ୍ରଭୁପାଦ ବୈଷ୍ଣବମାନଙ୍କ ପାଇଁ ପରିଚ୍ଛନ୍ନତାର ଗୁରୁତ୍ୱ ଉପରେ ବାରମ୍ବାର ଜୋର ଦେଇଛନ୍ତି । ସେ କହିଛନ୍ତି ତୁମେ ପରିଚ୍ଛନ୍ନ ନ ହେଲେ କୃଷ୍ଣ ଲକ୍ଷେ ମାଇଲ୍ ଦୂରରେ ରହିବେ । ଆଭ୍ୟନ୍ତରୀଣ ପରିଚ୍ଛନ୍ନତା ସବୁ ସମୟରେ ଭଗବାନଙ୍କ ନାମ ସ୍ମରଣରେ ହୋଇଥାଏ ।

*"ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ*
*ହରେ ରାମ ହରେ ରାମ ରାମ ରାମ ହରେ ହରେ ।"*

ବାହ୍ୟିକ ପରିଚ୍ଛନ୍ନତା ବୈଦିକ ସଂସ୍କୃତିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ । ଶରୀର, ପୋଷାକ, ଗୃହ ଏବଂ ବିଶେଷ କରି ମନ୍ଦିର, ରୋଷେଇ ଘର ଓ ଗୃହୋପକରଣ ଆଦି ପବିତ୍ର ଓ ପରିଷ୍କାର ରଖିବା ପାଇଁ ପଡ଼ିବ । ବାହାରର ପରିଚ୍ଛନ୍ନତା ଆଭ୍ୟନ୍ତରିକ ପରିଚ୍ଛନ୍ନତା ଆଣି ଦେଇଥାଏ । ଶ୍ରୀଲ ପ୍ରଭୁପାଦ ଏ ସଂପର୍କରେ ଯେଉଁ ଶିକ୍ଷା ଦେଇଛନ୍ତି ତାର କିଛି ଅଂଶ ନିମ୍ନରେ ଉଲ୍ଲେଖ କରାଗଲା । ଯଦି ଆମେ ଶ୍ରୀକୃଷ୍ଣଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏସବୁ ଅନୁସରଣ କରୁ ତାହା ହେଲେ ତାହା ଆମକୁ କୃଷ୍ଣ ଭାବନା ଅଗ୍ରଗତିରେ ସହାୟକ ହେବ ।

### *ବ୍ୟକ୍ତିଗତ ପରିଚ୍ଛନ୍ନତା :*

ବ୍ରାହ୍ମଣ ଦିନରେ ଅନ୍ତତଃ ୩ଥର (ସକାଳ, ଦ୍ୱିପହର ଓ ସନ୍ଧ୍ୟା) ସ୍ନାନ କରିବା ଉଚିତ । ସ୍ନାନ ଶରୀରକୁ ଥଣ୍ଡା, ପବିତ୍ର ଓ ସତେଜ କରେ । ପ୍ରତ୍ୟହ ଦନ୍ତ ମଂଜନ, ନିୟମିତ ନଖ, ବାଳ, ଦାଢ଼ି କାଟିବା ଓ ପ୍ରତ୍ୟେକ ଥର ମଳତ୍ୟାଗ ପରେ ସ୍ନାନ କରି ତିଳକ କରିବା ଉଚିତ । ପରିସ୍ରା ପରେ ଲିଙ୍ଗ, ପାଦ ଧୋଇବା ଓ ପ୍ରତିଦିନ ଧୁଆ ପରିଷ୍କାର ବସ୍ତ୍ର ପିନ୍ଧିବା ବିଧେୟ ।

ମହାପ୍ରଭୁଙ୍କ ଅନୁଗାମୀମାନେ ଅଧିକ ଲମ୍ବା ବାଳ ରଖିବାକୁ ପସନ୍ଦ କରୁ ନ ଥିଲେ । ପୁରୁଷ ଭକ୍ତମାନେ ଶିଖା ରଖିବା ବିଧେୟ କିନ୍ତୁ ଶ୍ରୀଲ ପ୍ରଭୁପାଦ ତାଙ୍କ ଶିଷ୍ୟମାନଙ୍କୁ ମୋଟା ଶିଖା ରଖିବାକୁ ନିଷେଧ କରିଛନ୍ତି । କାରଣ ଶାସ୍ତ୍ର ମତେ ଦେଢ଼ ଇଞ୍ଚରୁ ବେଶୀ ମୋଟା ଶିଖା ରଖିବା ଗୌଡ଼ିୟ ବୈଷ୍ଣବଙ୍କର ବିଧାନ ନୁହଁ ଏହା ଅନ୍ୟ ସଂପ୍ରଦାୟର ।

ଗୃହସ୍ଥର ପରିଚ୍ଛନ୍ନତାରେ ରହିଛି ନିୟମିତ ଘରଝଡ଼ା, ଲିପାପୋଛା ସବୁକିଛି ଜିନିଷ ସୁନ୍ଦର କରି ସଜାଇ ରଖିବା, ଅପବିତ୍ର ସାମଗ୍ରୀ (ଜୋତା, ମାଦକ ଦ୍ରବ୍ୟ, ଆମିଷ ଦ୍ରବ୍ୟ) ଇତ୍ୟାଦିକୁ ଦୂରରେ ରଖିବା । ବୈଦିକ ସଂସ୍କୃତି କୁକୁର, ବିଲେଇ ଇତ୍ୟାଦିଙ୍କ ଉପକାରକୁ ସ୍ୱୀକାର କରେ କିନ୍ତୁ ସେମାନେ ମାଂସ ଖାଆନ୍ତି, ନିଜ ଶରୀରକୁ ଲେହନ କରନ୍ତି, ସେମାନଙ୍କ ଦେହରୁ କଟୁ ଗନ୍ଧ ନିର୍ଗତ ହୁଏ । ତେଣୁ ଏମାନେ ଅପବିତ୍ର, ଏମାନଙ୍କୁ ଘର ବାହାରେ ରଖିବା ଉଚିତ୍ । ଭକ୍ତମାନେ କୁକୁର, ବିଲେଇ, ଛେଳି, କୁକୁଡ଼ା ଭଳି ଅନ୍ୟ ପକ୍ଷୀ ପାଳନ କରିବା ନିଷେଧ ।

## ବିଗ୍ରହ ପୂଜାରେ ପରିଚ୍ଛନ୍ନତା :

ସବୁ କିଛି ଖୁବ୍ ସୁନ୍ଦର ଭାବରେ ପରିଷ୍କାର କରିବା ଉଚିତ । ରାତ୍ରିରେ ଶୟନ ପୂର୍ବରୁ ଫୁଲ ସବୁ ବାହାର କରି ଦେବେ । ଚିତ୍ରପଟ୍ଟ ବା ଆଲେଖ୍ୟ ସମୂହ ପ୍ରତିଦିନ ପୋଛିବା, ବେଦୀର ଆଭରଣ ବସ୍ତ୍ର ନିୟମିତ ପରିବର୍ତ୍ତନ ଏବଂ ପିତ୍ତଳ ତିଆରିର ସାମଗ୍ରୀ ଚକ୍‌ଚକ୍ ରଖିବା ଉଚିତ । ସାରା ଘର ସବୁ ସମୟରେ ପରିଷ୍କାର କରି ନ ପାରିଲେ ମଧ୍ୟ ଅନ୍ତତଃ ପକ୍ଷେ ଭଗବାନଙ୍କ ମନ୍ଦିର ଅବଶ୍ୟ ପବିତ୍ର ରଖିବା ଦରକାର ।

ସ୍ନାନ ଶେଷ କରି ପରିଷ୍କାର ପୋଷାକ ପରିଧାନ କରିବା ପାଇଁ ପଡ଼ିବ । ମଳତ୍ୟାଗ କ୍ଷୌର କର୍ମ ଆଦି ଅପବିତ୍ର କାର୍ଯ୍ୟରେ ଥରେ ବ୍ୟବହାର କରି ଧୋଇଥିଲେ ମଧ୍ୟ ସେହି ଲୁଗା ପିନ୍ଧି ତିଳକ ଧାରଣ, ପ୍ରସାଦ ସେବନ, ପ୍ରଣାମ ନିବେଦନ, ଗାୟତ୍ରୀ ଜପ, ରନ୍ଧନ, ପୂଜା ଓ ଯଜ୍ଞାଦି ସେବା କାର୍ଯ୍ୟ କରିବା ଅନୁଚିତ୍ । ପୁରୁଷ ଭକ୍ତମାନେ କେବଳ ଧୋତି ଓ ଉତ୍ତରୀୟ ପିନ୍ଧି ବିଗ୍ରହ ସେବା କରିବେ । ସିଲାଇ ବସ୍ତ୍ର ପରିଧାନ ନିଷେଧ । ଆରତୀ ଅଥବା ଭୋଗ ନିବେଦନ ପୂର୍ବରୁ ସ୍ନାନ ଓ ଧୁଆ ଲୁଗା ପିନ୍ଧିବେ ଓ ଆଚମନ କରିବେ । କୃଷ୍ଣଙ୍କ ସନ୍ତୋଷ ବିଧାନ ପାଇଁ ଆମ୍ଭେ ରାନ୍ଧୁ । ସେଥିପାଇଁ ଏହି ରୋଷେଇ ବିଗ୍ରହ ପୂଜାର ଗୋଟିଏ ଅଙ୍ଗ, ରନ୍ଧନ ପୂର୍ବରୁ ସ୍ନାନ, ତିଳକ କରି ପରିଷ୍କାର ପୋଷାକ ପରିଧାନ କରିବା ଦରକାର । ସ୍ନାନ କରିବା ପରେ କୁକୁର, ବିଲେଇ, ଶିଶୁ ଅଥବା ଅଶୌଚ ବ୍ୟକ୍ତିକୁ ଛୁଇଁବା ନିଷେଧ । ରାନ୍ଧିବା ସମୟରେ ଯଦି ଏହିସବୁ ସ୍ପର୍ଶ କରନ୍ତି ତାହା ହେଲେ ପବିତ୍ରତା ନଷ୍ଟ ହୋଇଥାଏ । ଉଚ୍ଛିଷ୍ଟ ଓ ଅପବିତ୍ର ବସ୍ତ୍ର ପିନ୍ଧି ସେବା କରିବା ଅନୁଚିତ ।

ଋତୁସ୍ରାବ ସମୟରେ ମହିଳାମାନେ ତୁଳସୀକୁ ପ୍ରଦକ୍ଷିଣ, ଜଳଦାନ ଭଗବାନଙ୍କ ପୂଜା, ରନ୍ଧନାଦି କୌଣସି ଶୁଭ କାର୍ଯ୍ୟ କରିପାରିବେ ନାହିଁ । କିନ୍ତୁ ଏହି ସମୟରେ ମହିଳାମାନେ ମନ୍ଦିର ଯାଇ ଭଗବାନଙ୍କର ଦର୍ଶନ, କଥା ଶ୍ରବଣ, ଜପ ଏବଂ ପ୍ରସାଦ ସେବନ କରିପାରିବେ । ଯେକୌଣସି ପରିସ୍ଥିତି ସୃଷ୍ଟି ହେଲେ ମଧ୍ୟ ଜପ, ଶାସ୍ତ୍ର ଅଧ୍ୟୟନ ଓ ପ୍ରସାଦ ସେବନ ବନ୍ଦ କରିବେ ନାହିଁ । ଶିଶୁ ସବୁ ସମୟରେ ହାତ ଓ ପାଦ ମୁହଁରେ ଦେଇଥାଏ । ତାର ମୁହଁରୁ ଲାଳ ଝରୁଥାଏ । ଯେ କୌଣସି ସମୟରେ ସେ ମଳମୂତ୍ର ତ୍ୟାଗ କରେ, ସେଥିପାଇଁ ତାକୁ ଅପରିଚ୍ଛନ୍ନ ବୋଲି ଗଣ୍ୟ କରାଯାଏ । ତେଣୁ ପୂଜା ଅଥବା ରନ୍ଧନ ସମୟରେ ଶିଶୁକୁ ସ୍ପର୍ଶ କରିବା ଉଚିତ୍ ନୁହେଁ । ତେବେ ଗୃହସ୍ଥ ସେବା କ୍ଷେତ୍ରରେ ପବିତ୍ରତା ରକ୍ଷାକରି ଶିଶୁର ମଧ୍ୟ ଯଥାର୍ଥ ଯତ୍ନ ନେବା ଉଚିତ । ପାଦ, ମୁଖ, ନାକ, ଆଖି, କାନରେ ହାତ ଦେଲେ ସଙ୍ଗେ ସଙ୍ଗେ ହାତ ଧୋଇବେ । ସେହି ହାତରେ ମାଳା ଗୁଣ୍ଠିବା, ଜପ, ପୂଜା କରିବା ଓ କୌଣସି ପବିତ୍ର ବସ୍ତୁକୁ ଧରିବା ଅପରାଧ ଅଟେ ।